# NATIONAL NEWS BULLETIN (ODIA)
## 28th September - 2025
## Morning Bulletin : 7.15 a.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ସତ୍ୟବ୍ରତ ବେହୁରା**

## ମୁଖ୍ୟ ସମ୍ବାଦ

- ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଆଜି ପୂର୍ବାହ୍ନ ୧୧ଟାରେ ଦେଶବାସୀଙ୍କୁ ସମ୍ବୋଧନ କରିବେ ପ୍ରଧାନମନ୍ତ୍ରୀ ।

- ତାମିଲ୍‌ନାଡୁର କରୁର୍‌ରେ ଏକ ରାଜନୈତିକ ର୍‍ୟାଲିରେ ଦଳାଚକଟା ଘଟି ୩୬ ମୃତ; ୫୦ରୁ ଅଧିକ ଆହତ ।

— ଘଟଣାରେ ଦୁଃଖ ପ୍ରକାଶ କଲେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ।

- ଅସଙ୍ଗଠିତ କ୍ଷେତ୍ରର ଲୋକଙ୍କ ପାଇଁ ବରଦାନ ପାଲଟିଛି । ଅଟଳ ପେନ୍‌ସନ୍ ଯୋଜନା ।

ଏବଂ

- ଏସିଆ କପ୍ ଟି-ଟ୍ୱେଣ୍ଟି କ୍ରିକେଟ୍ ଫାଇନାଲ୍‌ରେ ଆଜି ମୁହାଁମୁହିଁ ହେବେ ଭାରତ ଓ ପାକିସ୍ତାନ ।

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପୂର୍ବାହ୍ନ ୧୧ଟା ସମୟରେ ଆକାଶବାଣୀର ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କୁ ଉଦ୍‌ବୋଧନ ଦେବେ । ଏହା ମାସିକ ରେଡିଓ କାର୍ଯ୍ୟକ୍ରମ ମନ୍ କୀ ବାତ୍‌ର ୧୨୬ତମ ସଂସ୍କରଣ ହେବ । ଏହି କାର୍ଯ୍ୟକ୍ରମ  ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟଓ୍ୱାର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair  ମୋବାଇଲ୍ Appରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସିଧା ପ୍ରସାରଣ କରାଯିବ । ହିନ୍ଦୀ ଭାଷାରେ ପ୍ରସାରଣ ପରେ  ଆକାଶବାଣୀରେ ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ’ ପ୍ରସାରଣ କରାଯିବ ।

## କରୁର୍ ଷ୍ଟାମ୍ପେଡ୍

ତାମିଲ୍‌ନାଡୁର କରୁର୍‌ରେ ଏକ ରାଜନୈତିକ ର୍‍ୟାଲିରେ ଦଳାଚକଟା ଘଟି ୩୬ ଜଣଙ୍କର ମୃତ୍ୟୁ ଘଟିଛି । ସେଠାକାର ବିଭିନ୍ନ ଡାକ୍ତରଖାନାରେ ୫୦ରୁ ଅଧିକ ଲୋକଙ୍କ ଚିକିତ୍ସା ଚାଲିଛି । ତାମିଲ୍‌ନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ପ୍ରାଣ ହରାଇଥିବା ଲୋକଙ୍କ ପରିବାରପାଇଁ ୧୦ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି । ଆଇ.ସି.ୟୁ.ରେ ଚିକିତ୍ସାଧୀନ ଥିବା ଲୋକଙ୍କୁ ୧ ଲକ୍ଷ ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯିବ । ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ଅରୁଣା ଜଗଦୀଶନ୍ ଏହି ଦଳାଚକଟା ଘଟଣାର ତଦନ୍ତ କରିବାକୁ ତାମିଲ୍‌ନାଡୁ ସରକାର ନିର୍ଦ୍ଦେଶ ଦେଇଛନ୍ତି । ଗତକାଲି ସନ୍ଧ୍ୟାରେ ଅଭିନେତାରୁ ରାଜନେତା ପାଲଟିଥିବା ବିଜୟଙ୍କ ତାମିଲାଗା ଭେଟ୍ରି କାଝାଗମ୍ ରାଜନୈତିକ ଦଳ ପକ୍ଷରୁ ଏକ ର୍‍ୟାଲିରେ ଅସମ୍ଭାଳ ଭିଡ଼ ପରିଲକ୍ଷିତ ହୋଇଥିଲା । କୌଣସି କାରଣ ଯୋଗୁଁ ଭିଡ଼ ଉପରେ ନିୟନ୍ତ୍ରଣ ବିଫଳ ହେବାରୁ ଦଳାଚକଟା ଘଟିଥିବା କୁହାଯାଇଛି । ଅଭିନେତା ବିଜୟ ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଛନ୍ତି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦଳାଚକଟା ଘଟଣା ନେଇ ଦୁଃଖ ପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇବା ସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମବେଦନା ପ୍ରକାଶ କରି ଆହତମାନଙ୍କ ଶୀଘ୍ର ଆରୋଗ୍ୟ ଲାଗି ପ୍ରାର୍ଥନା କରିଛନ୍ତି ।

କେନ୍ଦ୍ରମନ୍ତ୍ରୀ ଅମିତ୍ ଶାହା, ଜଗତ୍ପ୍ରସାଦ ନଡ୍ଡା, ରାଜନାଥ ସିଂହ ଏବଂ ଶିବରାଜ୍ ସିଂହ ଚୌହାନ୍ ମଧ୍ୟ ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି ।

## ଜି.ଏସ୍.ଟି. - ଇଲେକ୍ଟ୍ରୋନିକ୍ସ

ପରବର୍ତ୍ତୀ ପିଢ଼ିର ଜି.ଏସ୍.ଟି. ସଂସ୍କାର କାର୍ଯ୍ୟକାରୀ କରିବାକୁ ଯାଇ ଏବେ ଦେଶରେ ଜି.ଏସ୍.ଟି. ସଞ୍ଚୟ ଉତ୍ସବ ଘୋଷଣା କରାଯାଇଛି । ଦେଶର ଜନସାଧାରଣ ଚଳିତ ମାସ ୨୨ ତାରିଖରୁ ନୂଆ ଜି.ଏସ୍.ଟି. ଟିକସହାର ମାଧ୍ୟମରେ ଲାଭ ପାଇବା ଆରମ୍ଭ କରିଛନ୍ତି । ନୂଆ ଜି.ଏସ୍.ଟି. ସଂରଚନାରେ ଜି.ଏସ୍.ଟି. ପରିଷଦ ପୂର୍ବର ଚାରି ଥାକିଆ ଟିକସ ବ୍ୟବସ୍ଥାକୁ, ଦୁଇ ଥାକିଆକୁ ପରିବର୍ତ୍ତନ କରିଛି । ପୂର୍ବରୁ ଥିବା ୫, ୧୨, ୧୮, ୨୮ ପ୍ରତିଶତ ଟିକସ ହାରକୁ କେବଳ ୫ ଏବଂ ୧୮ ପ୍ରତିଶତ ମଧ୍ୟରେ ସୀମିତ ରଖାଯାଇଛି । ଫଳରେ ଅନେକ ଗୁଡ଼ିଏ ସେବା ଏବଂ ସାମଗ୍ରୀର ଦର ହ୍ରାସ ପାଇଛି ।

ନୂତନ ପିଢ଼ିର ଜି.ଏସ୍.ଟି. ସଂସ୍କାରରେ କେନ୍ଦ୍ର ସରକାର  ଘରୋଇ ଇଲେକ୍ଟ୍ରୋନିକ୍ସ ଉପକରଣ ଉପରେ ଜି.ଏସ୍.ଟି. ହାର ୨୮ ପ୍ରତିଶତରୁ ୧୮ ପ୍ରତିଶତକୁ ହ୍ରାସ କରିଛନ୍ତି । ଏୟାର୍ କଣ୍ଡିସନର୍, ବାସନ ମଜା ଯନ୍ତ୍ର ଏବଂ ବଡ଼ ପରଦା ବିଶିଷ୍ଟ ଏଲ୍.ସି.ଡି. ଓ ଏଲ୍.ଇ.ଡି. ଟେଲିଭିଜନଗୁଡ଼ିକ ଉପରେ ଏହି ଜି.ଏସ୍.ଟି. ଦର ହ୍ରାସ କରାଯାଇଛି ।

ଦେଶର ଗରିବ ଏବଂ ନିମ୍ନ ମଧ୍ୟବିତ୍ତ ପରିବାରଗୁଡ଼ିକୁ ଅଧିକରୁ ଅଧିକ ଇଲୋକ୍ଟ୍ରୋନିକ୍ସ ଉପକରଣ ବ୍ୟବହାର ଲାଗି ଏହା ସୁଯୋଗ ପ୍ରଦାନ କରିବ ବୋଲି କୁହାଯାଇଛି । ଅନ୍ୟପକ୍ଷରେ ଦୁଇଚକିଆ ଯାନ ଏବଂ ଛୋଟ କାର୍ ଉପରେ ଜି.ଏସ୍.ଟି. ହ୍ରାସ କରାଯାଇଛି । ୩୫୦ ସି.ସି. ପର୍ଯ୍ୟନ୍ତ ଦୁଇଚକିଆ ଯାନ ଉପରେ ଜି.ଏସ୍.ଟି. ହାର ୧୦ ପ୍ରତିଶତ ହ୍ରାସ କରାଯାଇଥିବାବେଳେ ୧୨୦୦ ସି.ସି. ପର୍ଯ୍ୟନ୍ତ ପେଟ୍ରୋଲ୍ କାର୍ ଏବଂ ୧୫୦୦ ସି.ସି. ପର୍ଯ୍ୟନ୍ତ ଡିଜେଲ୍ କାର୍ ଉପରେ ମଧ୍ୟ ୧୦ ପ୍ରତିଶତ ଜି.ଏସ୍.ଟି. କମ୍ କରାଯାଇଛି । କେନ୍ଦ୍ର ସରକାର କହିଛନ୍ତି, ଏହି ଜି.ଏସ୍.ଟି. ହ୍ରାସ ଫଳରେ ନିମ୍ନ ମଧ୍ୟବିତ୍ତ ପରିବାରଗୁଡ଼ିକର ଖର୍ଚ୍ଚ ସୀମା ବୃଦ୍ଧି ପାଇବା ସହ ଦେଶର ଅର୍ଥନୈତିକ ବିକାଶ କ୍ଷେତ୍ରକୁ ସୁଦୃଢ଼ କରିବ ।

## ଭଗତ୍ ସିଂହ ଆନିଭର୍ସାରୀ

ସ୍ୱାଧୀନତା ସଂଗ୍ରାମୀ ଭଗତ୍ ସିଂହଙ୍କ ଆଜି ୧୧୮ ତମ ଜନ୍ମବାର୍ଷିକୀରେ ଦେଶ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ୧୯୦୭ ମସିହା ଆଜିର ଦିନରେ ପଞ୍ଜାବର ଲ୍ୟାଲ୍‌ପୁର ଜିଲ୍ଲାର ବାଙ୍ଗା ଗ୍ରାମରେ ସେ ଜନ୍ମଗ୍ରହଣ କରିଥିଲେ । ଏବେ ସେହି ଅଞ୍ଚଳ ପାକିସ୍ତାନରେ ଅଛି ।

ଭଗତ୍ ସିଂହ ଏକ କ୍ରାନ୍ତିକାରୀ ପରିବାରରେ ଜନ୍ମଗ୍ରହଣ କରିଥିଲେ । ୭ ଭାଇଭଉଣୀଙ୍କ ମଧ୍ୟରେ ସେ ଦ୍ୱିତୀୟ ଥିଲେ । ତେଣୁ ତାଙ୍କୁ ଭାଗନୱାଲା ଡକାଯାଉଥିଲା, ଯାହାର ଅର୍ଥ ହେଉଛି ଭାଗ୍ୟବାନ୍ । ଆଜି ସ୍ୱାଧୀନତା ସଂଗ୍ରାମୀ ଭଗତ୍  ସିଂହଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ଲାଗି ବିଭିନ୍ନ ସ୍ଥାନରେ ସଭାସମିତିମାନ ଆୟୋଜନ କରାଯାଉଛି ।

# ସେବାପର୍ବ-ଅଟଳ ପେନ୍‌ସନ୍ ଯୋଜନା

**Seba Parba Opening**

ସେବା ଏବଂ ସୁଶାସନ ଅର୍ଥାତ୍ ଜନସେବା ଓ ସୁଶାସନର ମନ୍ତ୍ରଦ୍ୱାରା ପରିଚାଳିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାର ପରିବର୍ତ୍ତନ ଏବଂ ପ୍ରଗତି ଆଣିବା ପାଇଁ ନିରନ୍ତର ଉଦ୍ୟମ କରିଆସୁଛନ୍ତି । ଆମର ସ୍ୱତନ୍ତ୍ର ଧାରାବାହିକ ସେବା ପର୍ବରେ ଆସନ୍ତୁ ଜାଣିବା ମୋଦୀ ସରକାରଙ୍କ ସାମାଜିକ ସୁରକ୍ଷା ଦୂର କରିବା ଲାଗି ଗ୍ରହଣ କରାଯାଇଥିବା ପଦକ୍ଷେପଗୁଡ଼ିକ ମଧ୍ୟରେ ଅଟଳ ପେନ୍‌ସନ୍ ଯୋଜନା ସଫଳ ପ୍ରମାଣିତ

ହୋଇଛି । ଏହାଦ୍ୱାରା ଦେଶର ଅସଙ୍ଗଠିତ କ୍ଷେତ୍ରର ଲୋକମାନେ ପେନ୍‌ସନ୍‌ର ସୁବିଧା ପାଇପାରିବେ ।

ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର ଦେଶର ଅସଙ୍ଗଠିତ କ୍ଷେତ୍ରର ଲୋକଙ୍କ ସାମାଜିକ ସୁରକ୍ଷା ନିମନ୍ତେ ୨୦୧୫ ମଇ ମାସରେ ଅଟଳ ପେନ୍‌ସନ୍ ଯୋଜନାର ଶୁଭାରମ୍ଭ କରିଥିଲେ । ପ୍ରଧାନମନ୍ତ୍ରୀ ଏହି ଯୋଜନାର ଶୁଭାରମ୍ଭ କରି ୬୦ ବର୍ଷ ପରେ ଯେଭଳି ଲୋକମାନେ ଆର୍ଥିକ ଅନଟନରେ ଜୀବନ କାଟିବେ ନାହିଁ, ସେଥିଲାଗି ପୂର୍ବରୁ ଯେଭଳି ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରାଯାଇପାରିବ, ସେ ବିଷୟରେ ଘୋଷଣା କରିଥିଲେ । ପ୍ରଧାନମନ୍ତ୍ରୀ କହିଥିଲେ, ଅଟଳ ପେନ୍‌ସନ୍ ଯୋଜନା ଲୋକମାନଙ୍କ ଭବିଷ୍ୟତକୁ ସୁଦୃଢ଼ କରିବ ।

**V/O-PM Atal Pension**

ଏହି ଯୋଜନାରେ ଲୋକମାନଙ୍କୁ ଇଚ୍ଛାଧୀନ ଭାବେ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ସଞ୍ଚୟ କରିବାକୁ ପଡ଼ିଥାଏ । ସାଧାରଣତଃ ଅସଙ୍ଗଠିତ କ୍ଷେତ୍ରର ଗରିବ ଏବଂ ଅବହେଳିତ ଶ୍ରମିକମାନଙ୍କପାଇଁ ଏହି ଯୋଜନା ଅତ୍ୟନ୍ତ ଫଳପ୍ରଦ ସାବ୍ୟସ୍ତ ହୋଇଛି । ସୂଚନା ଅନୁଯାୟୀ, ଅଟଳ ପେନ୍‌ସନ୍ ଯୋଜନାରେ ୮ କୋଟିରୁ ଅଧିକ ଲୋକ ସାମିଲ୍ ହୋଇଥିବାବେଳେ ଏଥିଲାଗି ୪୫ ହଜାର କୋଟି ଟଙ୍କାର କର୍ପସ୍ ଫଣ୍ଡ ସୃଷ୍ଟି କରାଯାଇଛି । ଏପର୍ଯ୍ୟନ୍ତ ଏହି ଯୋଜନାରେ ୪୮ ପ୍ରତିଶତରୁ ଅଧିକ ମହିଳା ସାମିଲ୍ ହୋଇଛନ୍ତି । ଏହି ଯୋଜନା ସମ୍ପର୍କରେ କେତେଜଣ ହିତାଧିକାରୀ କହିଛନ୍ତି :

**V/O-Beneficiary Bytes**

ଭାରତୀୟ ସାମାଜିକ ସୁରକ୍ଷା ଇକୋସିଷ୍ଟମ୍‌ରେ ଅଟଳ ପେନ୍‌ସନ୍ ଯୋଜନା ମାଇଲ୍‌ଖୁଣ୍ଟ ସାବ୍ୟସ୍ତ ହୋଇଛି । ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ଡିଜିଟାଲ୍ ସମନ୍ୱୟ, ମହିଳା ଯୋଗଦାନ ଏବଂ ଗ୍ରାମାଞ୍ଚଳର ବିକାଶ ଭଳି ଅନେକଗୁଡ଼ିଏ ପଦକ୍ଷେପ ଜରିଆରେ ଲୋକମାନଙ୍କ ଜୀବନଧାରଣ ଶୈଳୀରେ ପରିବର୍ତ୍ତନ ଆଣିବାରେ ସଫଳ ହୋଇଛନ୍ତି ।

**Seba Parba Closing**

# ଏସିଆ କପ୍ କ୍ରିକେଟ୍

ଏସିଆ କପ୍ ଟି-ଟ୍ୱେଣ୍ଟି କ୍ରିକେଟ୍ ପ୍ରତିଯୋଗିତାର ଆଜି ଫାଇନାଲ୍ ମ୍ୟାଚ୍‌ରେ ଭାରତ ଓ ପାକିସ୍ତାନ ମଧ୍ୟରେ ମୁକାବିଲା ହେବ । ଭାରତୀୟ ସମୟ ରାତି ୮ଟାରେ ଦୁବାଇରେ ଏହି ମ୍ୟାଚ୍ ଖେଳାଯିବ । ଏସିଆ କପ୍‌ର ୧୭ଟି ସଂସ୍କରଣ ୪୧ ବର୍ଷ ମଧ୍ୟରେ ଭାରତ ଓ ପାକିସ୍ତାନ ପ୍ରଥମ ଥରଲାଗି ଫାଇନାଲ୍‌ରେ ମୁହାଁମୁହିଁ ହେବେ ।

ଏପର୍ଯ୍ୟନ୍ତ ଖେଳାଯାଇଥିବା ୧୧ଟି ଏସିଆ କପ୍ ଫାଇନାଲ୍‌ରେ ଭାରତ ୮ଟିରେ ବିଜୟ ଲାଭ କରି ଆଧିପତ୍ୟ ବିସ୍ତାର କରିଛି । ଚଳିତ ସିରିଜ୍‌ରେ ଅଭିଷେକ ଶର୍ମା, ତିଳକ ବର୍ମା, କୁଲଦୀପ ଯାଦବ ଏବଂ ଅକ୍ଷର ପଟେଲ୍‌ଙ୍କ ପ୍ରଦର୍ଶନ ଦଳକୁ ଫାଇନାଲ୍‌ରେ ପହଞ୍ଚାଇଛି । ଅନ୍ୟପକ୍ଷରେ ପହଲ୍‌ଗାମ୍ ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତିଙ୍କପାଇଁ ଦଳର ବିଜୟକୁ ଉତ୍ସର୍ଗ

କରିଥିବାରୁ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କୁ ତାଙ୍କ ମ୍ୟାଚ୍ ଫି'ର ୩୦ ପ୍ରତିଶତ ଜରିମାନା ଆଦାୟ କରାଯାଇଛି । ଏପର୍ଯ୍ୟନ୍ତ ଭାରତ ପାକିସ୍ତାନ ବିରୋଧରେ ୧୫ଟି ଟି-ଟ୍ୱେଣ୍ଟି ମ୍ୟାଚ୍ ଖେଳିଥିବାବେଳେ ୧୩ଟିରେ ବିଜୟ ଲାଭ କରିଛି ।

## ନ୍ୟାସନାଲ୍ ଆଥ୍ଲେଟିକ ଚାମ୍ପିୟନ୍ସିପ୍

ରାଞ୍ଚିର ବିର୍ସା ମୁଣ୍ଡା ଷ୍ଟାଡିୟମ୍‌ରେ ଗତକାଲି ଆରମ୍ଭ ହୋଇଥିବା ୬୪ତମ ଜାତୀୟ ଓପନ୍ ଆଥ୍ଲେଟିକ୍ ପ୍ରତିଯୋଗିତାରେ ମହିଳା ୫ ହଜାର ମିଟର ଦୌଡ଼ରେ ସୀମା ୧୬ ମିନିଟ୍ ୧ ସେକେଣ୍ଡ ୨୭ ମିଲିସେକେଣ୍ଡରେ ଅତିକ୍ରମ କରି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । କାଜଲ୍ କାନଓ୍ୱାଡ଼େ ୧୬ ମିନିଟ୍ ୩ ସେକେଣ୍ଡ ୨୩ ମିଲିସେକେଣ୍ଡରେ ସେହି ଦୂରତା ଅତିକ୍ରମ କରି କାଂସ୍ୟ ପଦକ ହାସଲ କରିଛନ୍ତି । ପୁରୁଷ ୫ ହଜାର ମିଟର ଦୌଡ଼ରେ ପ୍ରିନ୍ସ କୁମାର ସ୍ୱର୍ଣ୍ଣପଦକ ହାସଲ କରିଥିବାବେଳେ ସୁନିଲ୍ ଡାଓ୍ୱର୍ ଦ୍ୱିତୀୟ ଏବଂ ଅଭିଷେକ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ପୁରୁଷ ପୋଲ୍ ଭଲ୍ଟ ଫାଇନାଲ୍‌ରେ ଏମ୍. ଗୌତମ ସ୍ୱର୍ଣ୍ଣପଦକ ଏବଂ ରାମ୍‌ବୀର ରୌପ୍ୟପଦକ ଜିତିଛନ୍ତି । ମହିଳା ଟ୍ରିପ୍‌ଲ ଜମ୍ପ୍ ପ୍ରତିଯୋଗିତାରେ ଭୈରବୀ ରାୟ ବିଜୟୀ

ହୋଇଥିବାବେଳେ ମହିଳା ଡିସ୍‌କସ୍ ଥ୍ରୋରେ ସୀମା ବିଜୟୀ ହୋଇଛନ୍ତି । ଆସନ୍ତା ମଙ୍ଗଳବାର ଏହି ପ୍ରତିଯୋଗିତା ଶେଷ ହେବ ।

## ୱିମେନ୍ କ୍ରିକେଟ୍

ବେଙ୍ଗାଲୁରୁରେ ଗତକାଲି ଅନୁଷ୍ଠିତ ଦ୍ୱିତୀୟ ଏବଂ ଅନ୍ତିମ ମହିଳା ବିଶ୍ୱକପ୍ କ୍ରିକେଟ୍ ଅଭ୍ୟାସ ମ୍ୟାଚ୍‌ରେ ଭାରତୀୟ ମହିଳା ଦଳ ନ୍ୟୁଜିଲାଣ୍ଡକୁ ୪ ୱିକେଟ୍‌ରେ ପରାସ୍ତ କରିଛି । ଆସନ୍ତା ୩୦ ତାରିଖରେ ଉଦ୍‌ଘାଟନୀ ମ୍ୟାଚ୍‌ରେ ସହ-ଆୟୋଜକ ଶ୍ରୀଲଙ୍କା ସହିତ ଭାରତ ମୁକାବିଲା କରିବ ।

ଗତକାଲି ଅନୁଷ୍ଠିତ ଖେଳ ବର୍ଷା ଯୋଗୁଁ ୪୨ ଓଭର ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ନ୍ୟୁଜିଲାଣ୍ଡ ୮ ୱିକେଟ୍‌ରେ ୨୩୨ ରନ୍ ସ୍କୋର୍ କରିଥିବାବେଳେ ୨୩୭ ରନ୍‌ର ସଂଶୋଧିତ ଲକ୍ଷ୍ୟକୁ ପିଛା କରି ଭାରତ ୧୦ଟି ବଲ୍ ଏବଂ ୪ ୱିକେଟ୍ ବାକିଥାଇଲ ଲକ୍ଷ୍ୟ ହାସଲ କରିଥିଲା ।

## ୱାର୍ଲଡ୍ ପାରା ଚାମ୍ପିୟନ୍‌ସିପ୍

ଦ୍ୱାଦଶ ବିଶ୍ୱ ପାରା ଆଥ୍‌ଲେଟିକ୍ ଚାମ୍ପିୟନ୍‌ସିପ୍‌ରେ ପ୍ରଥମ ଦିନରେ ଶୈଳେଶ କୁମାର ପ୍ରଥମ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ନୂଆଦିଲ୍ଲୀରେ ଗତକାଲି ପ୍ରଥମ ଦିନରେ ବିହାରର ୨୫ ବର୍ଷୀୟ ଖେଳାଳି ଶୈଳେଶ ଉଚ୍ଚ

ଡିଆଁରେ ୧ ଦଶମିକ ୯/୧ ମିଟର ଉଚ୍ଚତା ହାସଲ କରି ସ୍ୱର୍ଣ୍ଣପଦକ ଜିତିଥିଲେ । ଭାରତର ବରୁଣ ସିଂହ ଭଟ୍ଟି ୧ ଦଶମିକ ୮/୫ ମିଟର ଉଚ୍ଚତା ଅତିକ୍ରମ କରି କାଂସ୍ୟ ପଦକ ଜିତିଛନ୍ତି ।

ଅନ୍ୟପକ୍ଷରେ ମହିଳା ୪୦୦ ମିଟର ଟି-ଟ୍ୱେଣ୍ଟି ଦୌଡ଼ ଫାଇନାଲ୍‌ରେ ଦୀପ୍ତି ଜୀବନଜୀ ୫୫ ଦଶମିକ ୧/୬ ସେକେଣ୍ଡରେ ରୌପ୍ୟ ପଦକ ହାସଲ କରିଛନ୍ତି । ପୁରୁଷ ୧୦୦ ମିଟର ଟି-୩୭ ରାଉଣ୍ଡ୍‌ରେ ରାକେଶ ଭାଇ ଭଟ୍ଟ ୧୧ ଦଶମିକ ୬/୨ ସେକେଣ୍ଡରେ ତୃତୀୟ ସ୍ଥାନରେ ଓ ଶ୍ରେୟାଂଶ ତ୍ରିବେଦୀ ୧୧ ଦଶମିକ ୯/୪ ସେକେଣ୍ଡରେ ଦ୍ୱିତୀୟ ସ୍ଥାନରେ ରହି ଫାଇନାଲ୍‌କୁ ଉନ୍ନୀତ ହୋଇଛି ।

ଗତକାଲି ନୂଆଦିଲ୍ଲୀରେ ଆରମ୍ଭ ହୋଇଥିବା ୯ ଦିନିଆ ବିଶ୍ୱ ପାରା ଆଥ୍‌ଲେଟିକ୍ସ ପ୍ରତିଯୋଗିତାରେ ୧୮୬ଟି ପଦକ ରହିଛି ।

*****